୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.86 Bhubaneswar Saturday May 11 2024 ୨୬ତମ ବର୍ଷ ସଂଖ୍ୟା–୮୬ ଭୁବନେଶ୍ୱର, ଶନିବାର, ମଇ ୧୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶାଳ ରୋଡ୍ ଶୋ



ଭୁବନେଶ୍ୱର,୧୦।୫(ପି.ଏନ): ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡିଶା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତା'ପରେ କଡା ସୁରକ୍ଷା ମଧ୍ୟରେ ବିମାନବନ୍ଦରରୁ ବାହାରିଲେ ମୋଦି।ରାସ୍ତାରେ ଦୁଇ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଛିଡା ହୋଇଥିବା ହଜାର ହଜାର ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ ମୋଦି। ବିମାନ ବନ୍ଦରରୁ ବାହାରିବା ପରେ ମୋଦି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଛନ୍ତି।

## ଆହୁରି ୫ ଦିନ ପାଗରେ ହେବନି ପରିବର୍ତ୍ତନ!

ଭୁବନେଶ୍ୱର,୧୦।୫(ପି.ଏନ୍: ରାଜ୍ୟରେ ୩ ଦିନରୁ କାଳବୈଶାଖୀର ପ୍ରଭାବ ଅନୁଭୂତ ହେଉଛି । ଯାହାଫଳରେ ଅସହ୍ୟ ତାତିରୁ ମୁକ୍ତି ପାଇଛନ୍ତି ଓଡିଶାବାସୀ । ତେବେ ପାଣିପାଗ ସୂଚନା ଅନୁସାରେ, ଆଗକୁ ଆହୁରି ୫ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ । ୫ ଦିନ ଯାଏଁ ରାଜ୍ୟର କିଛି ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରାଯାଇଛି । ତେବେ ୫ଟି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ତାଲିକାରେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡା ଏବଂ ଭଦ୍ରକରେ ବର୍ଷା ପୂର୍ବରୁ ୱାର୍ଣ୍ଣିଂ ଜରାଯାଇଛି । ତେବେ ବିଶେଷ କରି ଉତ୍ତର-ଦକ୍ଷିଣ ଉପକୂଳ ଅଞ୍ଚଳରେ ଘଡଘଡି ସହିତ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଟ୍ୱିନ ସିଟି (କଟକ-ଭୁବନେଶ୍ୱର)ରେ ଆଜି ରାତିରେ ବର୍ଷା ହୋଇପାରେ ବୋଲି ଆଲର୍ଟ କରି ପାଣିପାଗ ବିଭାଗ ।

## ବିଜେଡି ପ୍ରାର୍ଥୀଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଲେ, ଗାଁରେ ପୂରାଇ ଦେଲେନି



ଭୁବନେଶ୍ୱର,୧୦।୫(ପି.ଏନ):ବିଜେଡି ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟଙ୍କୁ ଗାଁ ଦାଣ୍ଡରେ ବିରୋଧ। ଗାଁ ମଝିରେ ଗତ ୫ ବର୍ଷର ହିସାବ ମାଗିଲେ। ହେଲେ କୌଣସି ଉତ୍ତର ଦେଇପାରିଲେ ନାହିଁ ସୂର୍ଯ୍ୟମଣୀ ବୈଦ୍ୟ। ତେଣୁ ତାଙ୍କୁ ଗାଁ ଦାଣ୍ଡରୁ ଫେରାଇ ଦେଇଥିଲେ। ଶେଷରେ ଅପମାନିତ ହୋଇ ବିଜେଡି ପ୍ରାର୍ଥୀ ଫେରିଥିବା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚା ହେଉଛି।ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ହେଉଛନ୍ତି ସୂର୍ଯ୍ୟମଣୀ ବୈଦ୍ୟ। ଏଥର ବିଜେଡି ତାଙ୍କୁ ଆଉ ଥରେ ପ୍ରାର୍ଥୀ କରିଛି। ତେଣୁ ସେ ଗାଁକୁ ଗାଁ ବୁଲି ନିଜ ସପକ୍ଷରେ ପ୍ରଚାର କରୁଛନ୍ତି। ଆଜି ସେ ନିଜ ସମର୍ଥକଙ୍କ ସହ ବିଶାଳ ଶୋଭାଯାତ୍ରାରେ କଞ୍ଚଣା ଗାଁକୁ ଯାଇଥିଲେ। ଗାଁ ମଝିରେ ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇ ଥିଲେ। ପ୍ରଶ୍ନ ବାଣରେ ତାଙ୍କୁ ଛନ୍ଦିଥିଲେ। ଗତ ୫ ବର୍ଷରେ ତୁମେ କ'ଣ କରିଛ? ଗତ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି କାହିଁକି ପୂରଣ ହୋଇନାହିଁ? ୫ ବର୍ଷ ଧରି କାହିଁକିଆମ ଗାଁକୁ ଆସିନଥିଲ? ଆଜି ଭୋଟ ମାଗିବାକୁ କାହିଁକି ଆସିଛ?

## ପ୍ରମିଳା ମଲ୍ଲିକଙ୍କ ବିରୋଧରେ ଗର୍ଜିଲେ ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥିନୀ ବବିତା ମଲ୍ଲିକ



ଯାଜପୁର,(ପି.ଏନ): ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ କମୁଛି ପ୍ରମିଳାଙ୍କ ଲୋକପ୍ରିୟତା, ମୁହଁ ଫେରେଇଲେଣି ସାଧାରଣ ଜନତା । ପାଖେଇ ଆସିଲାଣି ସାଧାରଣ ନିର୍ବାଚନ । ନିର୍ବାଚନର ତାରିଖ ଯେତିକି ଯେତିକି ପାଖେଇ ଆସୁଛି ଲୋକଙ୍କ ମନରେ ଉତ୍କଣ୍ଠା ସେତିକି ସେତିକି ବଢିବାରେ ଲାଗୁଛି । ଆମେ କହୁଛୁ ଯାଜପୁର ଜିଲ୍ଲାର ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର କଥା । ଯେଉଁଠି ଦିନେ ପ୍ରମିଳାଙ୍କୁ ଲୋକମାନେ ବିପୁଳ ସଂଖ୍ୟାରେ ମତଦାନ ଦେଉଥିଲେ ଆଜି ସେଠାରେ ଲୋକମାନେ ମୁହଁ ଫେରେଇବା ଦେଖିବାକୁ ମିଳୁଛି ।ପ୍ରମିଳା ଯାଜପୁର ଜିଲ୍ଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରୁ ଜନତା ଦଳରୁ ପ୍ରଥମେ ୧୯୯୦ରେ ନିର୍ବାଚିତ ହୋଇ ପରେ ୨୦୦୦, ୨୦୦୪ ଓ ୨୦୦୯ରେ ବିଜୁ ଜନତା ଦଳ ଟିକଟରେ ନିର୍ବାଚିତ ହୋଇଥିଲେ । ସେ ୨୦୦୪ ମଇ ୧୮ରୁ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ମହିଳା ଓ ଶିଶୁ ମାନଙ୍କୁ ଦିଆଯାଉଥିବା ଡାଲି ଯୋଗାଣରେ ଦୁର୍ନୀତି ହୋଇଥିବା ଭିଜିଲାନ୍ସ ବିଭାଗ କହିବା ପରେ ଏଥିରେ ମନ୍ତ୍ରୀଙ୍କ ସଂପୃକ୍ତ ଅଭିଯୋଗ ଥିବା ବିରୋଧି କଂଗ୍ରେସ ଓ ବିଜେପି ପକ୍ଷରୁ ତାଙ୍କର ଇସ୍ତଫା ଦାବି କରାଯାଇଥିଲା । ସେତେବେଳେ ସେ ତାଙ୍କ ଇସ୍ତଫା ପତ୍ର ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଇସ୍ତଫା ପତ୍ର ଗ୍ରହଣ କରି ରାଜ୍ୟପାଳଙ୍କ ନିକଟକୁ ପଠାଇଦେଇଥିଲେ ।ଏହି ଘଟଣା ପରଠାରୁ ବିଞ୍ଝାରପୁର ନିର୍ବାଚନୀ ମଣ୍ଡଳୀର ଲୋକଙ୍କ ମଧ୍ୟରେ ପ୍ରମିଳାଙ୍କ ପ୍ରତି କୋଉଠି ନା କୋଉଠି ଆନ୍ତରିକତା କମିବା ଆରମ୍ଭ ହୋଇଥିଲା । ୨୦୧୯ ନିର୍ବାଚନ ଫଳାଫଳ ଦେଖିଲେ ତାଙ୍କର ପ୍ରତିଦ୍ୱନ୍ଦୀ ବବିତା ମଲ୍ଲିକଙ୍କ ଠାରୁ ମାତ୍ର ୨୧,୨୨୬ ଖଣ୍ଡ ଭୋଟରୁ ଜିତି ଥିଲେ। ୨୦୧୪ ନିର୍ବାଚନରେ ୩୮,୧୯୦ ଖଣ୍ଡ ଭୋଟରେ ଜିତିଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି କିପରି ତାଙ୍କର ଲୋକପ୍ରିୟତା କମିବାରେ ଲାଗିଛି ।

## ୫୦ ଦିନ ପରେ ମୁକୁଳିଲେ ଅରବିନ୍ଦ କେଜ୍ରିୱାଲ

ଭୁବନେଶ୍ୱର,୧୦।୫(ପି.ଏନ):ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପ୍ରାୟ ୫୦ ଦିନ ପରେ ଆଜି ମୁକୁଳିଛନ୍ତି। ଆଜି ସନ୍ଧ୍ୟାରେ କେଜ୍ରିୱାଲ ତିହାର ଜେଲରୁ ବାହାରିଛନ୍ତି ।ସୁପ୍ରିମକୋର୍ଟ ଆଜି ଅପରାହ୍ନରେ କେଜ୍ରିୱାଲଙ୍କୁ ଜୁନ ୧ ଯାଏ ଜାମିନରେ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କେଜ୍ରିୱାଲ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଦାଖଲ କରି ଜେଲରୁ ଖଲାସ ହୋଇଛନ୍ତି। କେଜ୍ରିୱାଲ ପ୍ରଥମେ ତିହାର ଜେଲର ନଂ ୨ ସେଲରୁ ବାହାରିଥିଲେ। ଏହାପରେ ଗେଟ ନମ୍ବର ୪ ଦେଇ ବାହାରକୁ ଆସିଥିଲେ।

## ଏନକାଉଣ୍ଟର: ଟଳିଲେ ୧୨ ନକ୍ସଲ, ସର୍ଚ୍ଚ ଅପରେସନ ଜାରି



ଭୁବନେଶ୍ୱର,୧୦।୫(ପି.ଏନ): ଛତିଶଗଡରେ ପୁଣି ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା। ଛତିଶଗଡର ବିଜାପୁରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର ବେଳେ ପ୍ରାଣ ହରାଇଛନ୍ତି ୧୨ ଜଣ ନକ୍ସଲ। ପ୍ରଥମେ ୮ ଜଣ ନକ୍ସଲ ନିହତ ହୋଇଥିବା ଖବର ମିଳିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ କହିଛନ୍ତି ଯେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୧୨ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ନୀତି: ଶ୍ରୀମନ୍ଦିରରୁ ରଥଖଳାକୁ ହେଲା ଆଜ୍ଞାମାଳ ବିଜେ



ଭୁବନେଶ୍ୱର,୧୦।୫(ପି.ଏନ): ପବିତ୍ର ଅକ୍ଷୟ ତୃତୀୟାରେ ଆଜିଠାରୁ ମହାପ୍ରଭୁଙ୍କ ରଥକାଠ ଅନୁକୂଳ ହୋଇଛି। ରଥ ନିର୍ମାଣ ପାଇଁ ଅନୁକୂଳ ହୋଇଛି ରଥକାଠ ।ଏଥିସହ ନୀତି ଓ ଚନ୍ଦନଯାତ୍ରା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଂଟ ପ୍ରସ୍ତୁତ କରାଯାଇ ରଥକାଠ ଅନୁକୂଳ ହୋଇଛି। ରାତି ୩ଟାରୁ ମହାପ୍ରଭୁଙ୍କର ଦ୍ୱାର ଫିଟା ନୀତି କରାଯାଇ ଅନ୍ୟାନ୍ୟ ନୀତି ମଧ୍ୟ ବଢାଯାଇଥିଲା। ମଙ୍ଗଳ ଆରତୀ ପରେ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଚନ୍ଦନବେଢା ଖଇକୋରା ଭୋଗ, ସର୍ବାଙ୍ଗ ବେଶ ସରି ଦକ୍ଷିଣ ଘର ଭୋଗ ପରେ ପ୍ରାୟ ଦିନ ୩ଟାରେ ମଧ୍ୟାହ୍ନ ଧୂପ ନୀତି କରାଯିବାକୁ ସ୍ଥିର ହୋଇଥିଲା। ସେପଟେ ୨୧ ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ହେବ। ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀ ସଜେଇ ହୋଇରହିଛି।

## ବର୍ଷାଙ୍କ ୮ଟି ନାଁ, ସତ୍ୟପାଠ ଖୋଲିଲା ଗୁମର: ସ୍କୁଲ ସାର୍ଟିଫିକେଟ, ବ୍ୟାଙ୍କ ଖାତା, ପ୍ୟାନ୍ ଓ ଆଧାର ସବୁଠି ଭିନ୍ନ ଭିନ୍ନ ନାମ



ଭୁବନେଶ୍ୱର,୧୦।୫(ପି.ଏନ): ବଡଚଣା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଆଜି ନିଜର ୪ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ବର୍ଷା ଦାଖଲ କରିଥିବା ସତ୍ୟପାଠ ଏବେ ବିଜେଡି ବଡପଣ୍ଡାମାନଙ୍କ ନିଦ ହଜାଇ ଦେଇଛି। ବର୍ଷାଙ୍କ ବିଭିନ୍ନ ସରକାରୀ ରେକର୍ଡରେ ନାଁ ଭିନ୍ନ ଭିନ୍ନ ଥିବା, ଏପରିକି ତାଙ୍କ ବାପା-ମା'ଙ୍କ ନାଁ ବି ସରକାରୀ ରେକର୍ଡରେ ତ୍ରୁଟିପୂର୍ଣ୍ଣ ରହିବାର ନୂଆ ତଥ୍ୟ ପଦାକୁ ଆସିଛି। ବିଭିନ୍ନ ସରକାରୀ ରେକର୍ଡରେ ବର୍ଷାଙ୍କର ୮ ଟି ନାଁ ରହିଛି ଓ ସେସମସ୍ତ ନାଁ ତାଙ୍କର ବୋଲି ବର୍ଷା ଆଜି ସତ୍ୟପାଠରେ ଦର୍ଶାଇବା ପରେ ସେ ଆରମ୍ଭରୁ ହିଁ ନିଜର ପରିଚୟକୁ ନେଇ ଆଇନ ସହ ଲୁଚକାଳି ଖେଳୁଥିବା ଜଣାପଡିଛି। ହାଇସ୍କୁଲ ସାର୍ଟିଫିକେଟରୁ ଆରମ୍ଭ କରି ବ୍ୟାଙ୍କ ଖାତା, ପ୍ୟାନ୍ ଓ ଆଧାର ନମ୍ବର ଆଦି ସରକାରୀ ରେକର୍ଡରେ କିଭଳି ତାଙ୍କ ନାଁ'ରେ ତ୍ରୁଟି ରହୁଥିଲା ଏବଂ ସେସବୁ ସମ୍ପର୍କରେ ବର୍ଷା କାହିଁକି ସଙ୍ଗେସଙ୍ଗେ ଆପତ୍ତି ଉଠାଉ ନଥିଲେ ତାହା ଏବେ ସବୁଠୁ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ତାଙ୍କର ଭୂମିକାକୁ ସନ୍ଦେହଘେରକୁ ଆସିଛି । ସେହିପରି ବର୍ଷା ଓଡିଶାର ଏକମାତ୍ର ମହିଳା ପ୍ରାର୍ଥୀ ଯାହାଙ୍କ ନାଁରେ ବିଭିନ୍ନ ଥାନାରେ ଭିନ୍ନ ଭିନ୍ନ ତାରିଖରେ ପଞ୍ଜିକୃତ ୫ଟି ଅପରାଧିକ ମାମଲା ଏବେବି କୋର୍ଟଙ୍କ ବିଚାରାଧୀନ ରହିଥିବା ତାଙ୍କ ସତ୍ୟପାଠରୁ ଜଣାପଡିଛି । ବର୍ଷା ଆଜି ନିଜର ନାମାଙ୍କନ ପତ୍ର ସହ ଅତିରିକ୍ତ ତଥ୍ୟ ଭାବେ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାହା ତାଙ୍କର ବିବାଦୀୟ ଭୂମିକା ଆଡକୁ ଇଙ୍ଗିତ କରିଛି । ସରକାରୀ ଦସ୍ତାବିଜରେ ବର୍ଷା କିଭଳି ନିୟମିତ ବ୍ୟବଧାନରେ ନିଜର ଭିନ୍ନ ଭିନ୍ନ ନାଁ ଦର୍ଶାଇଛନ୍ତି ଓ ତାହା ସମ୍ପୃକ୍ତ ସରକାରୀ ଅଫିସ ଦ୍ୱାରା ହୋଇଥିବା ତ୍ରୁଟି ବୋଲି କହି ଏବେ ନିଜର ସଦ୍ୟ ସତ୍ୟପାଠ ମାଧ୍ୟମରେ ଖସିଯିବାକୁ ବସିଛନ୍ତି ତାହା ଆଜି ସ୍ପଷ୍ଟ ହୋଇଯାଇଛି ।ବର୍ଷାଙ୍କ ସତ୍ୟପାଠ ଅନୁସାରେ ତାଙ୍କର ନାଁ ତାଙ୍କ ଘର କଟକସ୍ଥିତ ବକ୍ସବଜାର ବେପାରୀ ସାହିରେ । ସେ ରେଭେନ୍ସା ବାଳିକା ହାଇସ୍କୁଲର ଛାତ୍ରୀ ଥିଲେ ଓ ମାଟ୍ରିକ ବୋର୍ଡ ସାର୍ଟିଫିକେଟରେ ତାଙ୍କ ନାଁ 'Barsha Priyadarshinee Sahu' ନା ରହିଥିଲା । ସେଥିରେ ତାଙ୍କ ମା'ଙ୍କ ନାଁ Deepa Sahu ଓ ବାପାଙ୍କ ନାଁ Sisir kumar Sahu ଉଲ୍ଲେଖ ଥିଲା । ତେବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତାଙ୍କୁ ମିଳିଥିବା ଯୁକ୍ତଦୁଇ ସାର୍ଟିଫିକେଟରେ ତାଙ୍କ ନାଁ ତ୍ରୁଟିବଶତଃ Barsha Priyadarshinee Sahu ବଦଳରେ Barasa Priyadarshini Sahoo ଏବଂ ତାଙ୍କ ମା'ଙ୍କ ନାଁ Deepa Sahu ବଦଳରେ Dipa Sahoo ଏବଂ ପିତାଙ୍କ ନାଁ Sisir kumar Sahu ବଦଳରେ Sisir kumar sahoo ଉଲ୍ଲେଖ ରହିଥିଲା ।

## ନାମାଙ୍କନ ଦାଖଲ କଲେ ବିଜେପିର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର,୧୦।୫(ପି.ଏନ): କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ବୈଜୟନ୍ତ ପଣ୍ଡା ବିଶାଳ ଶୋଭାଯାତ୍ରାରେ ଆସିଥିଲେ । ପ୍ରଥମେ ସେ ତିନି ମୁହାଣି ସ୍ଥିତ ରାମ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ତିନି ମୁହାଣିରୁ ଶୁଭେଚ୍ଛୁ, ସମର୍ଥକ ଓ ବିଜେପି କର୍ମକର୍ତ୍ତାଙ୍କ ସହ ଏକ ବିରାଟ ପଟୁଆର ବାହାରିଥିଲେ। ବୈଜୟନ୍ତଙ୍କ ବିଶାଳ ଶୋଭାଯାତ୍ରା ଲ' କଲେଜ, ତିନି ମୁହାଁଣି ଛକ, କଜଳା, ମହିପାଳ, ନୂଆ ବସ୍ଷ୍ଟାଣ୍ଡ, ବଡ ହାଟ ଓ ପୁରୁଣା ବସ୍ଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତା'ପରେ ସେ ସେଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବୈଜୟନ୍ତଙ୍କ ବିଶାଳ ଶୋଭାଯାତ୍ରା ସମୟରେ ବାଟରେ କିଏ ତାଙ୍କୁ ଫୁଲତୋଡା ଦେଉଥିଲେ ତ ଆଉ କିଏ ଫୁଲମାଳ ପିନ୍ଧାଇ ସ୍ୱାଗତ ଜଣାଉଥିଲେ । ଏହି ବିରାଟ ଶୋଭାଯାତ୍ରାରେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀମାନେ ସାମିଲ ହୋଇଥିଲେ । ମୋଦୀଙ୍କ ନେତୃତ୍ୱ ପାଇଁ ଲୋକମାନଙ୍କ ମନରେ ଏହି ଉତ୍ସାହ ଦେଖିବାକୁ ମିଳୁଛି । ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଲୋକଙ୍କ ଭରସା ରହିଛି। ଆଗାମୀ ୫ବର୍ଷ ମଧ୍ୟରେ ବିକାଶ ଦୁଇ ଗୁଣା ହେବ। ଦୁଇ ଥର ପଦ୍ମ ଓ ଦୁଇ ଗୁଣା ବିକାଶ ବୋଲି ମୋଦି ଗ୍ୟାରେଣ୍ଟି ଦେଇଛନ୍ତି । ତାହାର ଫଳାଫଳ ଦେଖିବାକୁ ମିଳୁଛି ବୋଲି ଏହି ବିଶାଳ ଶୋଭାଯାତ୍ରାରେ କହିଥିଲେ ବୈଜୟନ୍ତ ପଣ୍ଡା । ଗୁରୁବାର କେନ୍ଦ୍ରାପଡା ଜିଲ୍ଲା ଆଳିରେ ବିରାଟ ରୋଡ଼ ଶୋ କରିଥିଲେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା । ଆଳିର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଶତାଧୀକ କର୍ମୀଙ୍କ ସହ ମୋଟର ସାଇକେଲ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ସିଙ୍ଗିରି ପଞ୍ଚାୟତରୁ ଆରମ୍ଭ ହୋଇ ସିଦ୍ଧବାଲି ଠାରେ ଶେଷ ହୋଇଥିଲା। ଶୋଭାଯାତ୍ରା ୬ଟି ପଞ୍ଚାୟତର ୧୭ କିଲୋମିଟର ରାସ୍ତା ଅତିକ୍ରମ କରିଥିଲା ।



ବିଜେଡ଼ି ଷ୍ଟାର ପ୍ରଚାରକ ଭି. କାର୍ତ୍ତିକେୟାନ ପାଣ୍ଡିଆନଙ୍କ ରାଉରକେଲାଠାରେ ଏକ ବିଶାଳ ଧରଣର ରୋଡ଼ ଶୋ' ଅନୁଷ୍ଠିତ

## ମାଓବାଦୀ ମାନଙ୍କୁ ଆଜି ପାଣି ପିଆଇଦେଲେ ଯବାନ, ଶେଷରେ ଟଳିଲା ଏହି କୁଖ୍ୟାତ ମାଓନେତା

ନବରଙ୍ଗପୁର,୧୦।୫(ପି.ଏନ): ମାଓବାଦୀ ମାନଙ୍କୁ ଆଜି ପାଣି ପିଆଇଦେଲେ ଯବାନ । ଶେଷରେ ଟଳିଲା ଏହି ମାଓନେତା । ପାଦେ ପାଦେରେ ଥିଲା ବିପଦ,ଟିକେ ଏପଟ ସେପଟ ହୋଇଥିଲେ ସିଧା ମରିଥାନ୍ତେ । ମାଓବାଦୀ ମାନେ ପୁରା ଘେରି ରହିଥିଲେ । ଯବାନଙ୍କ ମାନଙ୍କୁ ମାରିବା ପାଇଁ ତିଆରି କରିଥିଲେ ଚକ୍ରବିହୋ । ଫସିଥିଲେ ଗଡିଥାନ୍ତେ ୫୦ରୁ ଅଧିକ ଯବାନ ମାନଙ୍କର ମୁଣ୍ଡ । ହେଲେ ସବୁକୁ ଚକମା ଦେଇଥିଲା ଯବାନ ମାନଙ୍କ ପ୍ଲାନ୍ । ଆକ୍ରମଣ ପୂର୍ବରୁ ତିଆରି ହୋଇଥିଲା ପୁରା ବ୍ଲୁ ପ୍ରିଣ୍ଟ । ଯବାନ ମାନଙ୍କୁ ପୁରା ଟ୍ରେନିଂ ଦିଆଯାଇଥିଲା । ଘଞ୍ଚ ଜଙ୍ଗଲ ଭିତରେ ଚାଲିଛି ଅହରହ ଯୁଦ୍ଧ । କାହାର ମୁଣ୍ଡରେ ତ ପୁଣି କାହାର ଛାତିକୁ ଲକ୍ଷ କରି ଚାଲିଥିଲା ଗୁଳିବର୍ଷା ।କେନ୍ଦ୍ରୀୟ ମାଓନେତା ହିଡମା ସହ ମାଓବାଦୀ ମାନଙ୍କୁ ଜଙ୍ଗଲ ଭିତରେ ଗୋଡାଇ ଗୋଡାଇ ଗୁଳି ମାରିଛନ୍ତି ଯବାନ ମାନେ । ପୁରା କ୍ୟାମ୍ପକୁ ଧ୍ୱଂଶ କରାଯାଇଛି । ଯବାନ ମାନଙ୍କୁ ମାରିବା ପରେ ପୁରା ଆକ୍ସନ ମୁଡରେ ରହିଛି ସେନା । ମାଓବାଦୀ ମାନଙ୍କୁ ମୂଳପୋଛ କରିବା ପାଇଁ ସେନା ଅଣ୍ଟା ଭିଡିଛି । ଆଉ ତାର ପରିଣାମରେ । ୪ ମାସ ଭିତରେ ୬୦ରୁ ଅଧିକ ମାଓବାଦୀ ମାନଙ୍କ ମୁଣ୍ଡ ଗଡାଇ ସାରିଲେଣି । ଆଉ ଏବେ ପୁଣି ଏକ ବଡ ଖବର ସାମ୍ନାକୁ ଆସିଛି । ଆପଣ ଦେଖୁଥିବା ଏ ହେଉଛି ଛତିଶଗଡ ଛୋଟିସଗଡର ଗରେବା ଜଙ୍ଗଲର ଦୃଶ୍ୟ । ଯେଉଁଠରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମାନଙ୍କ ମଧ୍ୟରେ ପୁଣି ଗୁଳି ବିନିମୟ ହୋଇଛି । ଏଥିରେ ଜଣେ କୁଖ୍ୟାକ ମାଓକମାଣ୍ଡର ମୃତ୍ୟୁ ହୋଇଯାଇଛି । ରାଇଘର ନବରଙ୍ଗପୁର ପୋଲିସ ଏବଂ ଓଡିଶା ଏସଓଜି ଯବାନ ମିଳିତ ଅପରେସନ ସମୟରେ ବଡ ସଫଳତା ମିଳିଛି ।ରାଇଘର ବ୍ଲକ ସୀମାନ୍ତ ଠାରୁ ମାତ୍ର ୨୫ କିଲମିଟର ଦୂରରେ ରହିଥିବା ଛୋଟିସଗଡର ଗରେବା ଜଙ୍ଗଲ ରେ ମିଳିତ ବାହିନୀ ନକ୍ସଲମାନଙ୍କ ସହ ମୁହାଁ ମୁହିଁ ହୋଇଛନ୍ତି । ମିଳିତ ସୁରକ୍ଷାବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାପଡିଛି । ମିଳିତ ବାହିନୀର ଏନକାଉଣ୍ଟରରେ ଜଣେ ନକ୍ସଲଙ୍କର ମୃତ୍ୟୁ ଘଟିଥିବାବେଳେ ବହୁ ଆପତ୍ତିଜନକ ନକ୍ସଲ ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି । ଏହି ଏନକାଉଣ୍ଟର ଗରିଆବନ୍ଧ ଜିଲ୍ଲା ମେନପୁରର ଶୋଭା ଥାନା ଅନ୍ତର୍ଗତ ଗରେବା ଜଙ୍ଗଲରେ ଘଟିଥିବା କୁହାଯାଉଛି ।

## ଚନ୍ଦ୍ରଶେଖରପୁରରେ ସୁଶାନ୍ତଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା

ଭୁବନେଶ୍ୱର,୧୦।୫(ପି.ଏନ): ଉତ୍ତର ନିର୍ବାଚନ ମଣ୍ଡଳୀ ଅଂର୍ଗତ ଚନ୍ଦ୍ରଶେଖରପୁର ଅଂଚଳର ୮ ଓ ୧୪ ନମ୍ବର ୱାର୍ଡରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଶାଂ କୁମାର ରାଉତ ବିଶାଳ ବାଇକ୍ ଶୋଭାଯାତ୍ରାରେ ଯାଇ କଲୋନୀ କଲୋନୀ, ବସ୍ତି ବସ୍ତି ବୁଲି ଭୋଟ ଭିକ୍ଷା କରିଛନ୍ତି । ଯୁବନେତା ମନୋଜ ସାହୁଙ୍କ ନେତୃତ୍ୱରେ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ ଦୁର୍ଗା ପଡିଆ ଠାରେ ହଜାର ହଜାର ସଂଖ୍ୟାରେ ଯୁବକ ଓ ମହିଳାମାନେ ଶଙ୍ଖ ପତାକା ସୁସଜ୍ଜିତ ନିଜ ନିଜର ବାଇକ୍ ଧରି ଏକତ୍ରିତ ହୋଇଥିଲେ। ସେଠାରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଶାଂ କୁମାର ରାଉତ ପହଞ୍ଚିବା କ୍ଷଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ଦୁର୍ଗାପୂଜା ପଡିଆରୁ ବାହାରି ହାଉସିଂ ବୋର୍ଡ କଲୋନୀର ପ୍ରତ୍ୟେକ ଗଳିକନ୍ଦି ବୁଲିଥିଲା। କଲୋନୀର ବିଭିନ୍ନ ସ୍ଥାନରେ ମହିଳା ଓ ବରିଷ୍ଠ ନାଗରିକମାନେ ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ବିପୁଳ ସମର୍ଥନ ଜଣାଇ ଥିଲେ। ସେଠାରୁ ଶୋଭାଯାତ୍ରାଟି ନୀଳାଦ୍ରି ବିହାର ଅଭିମୁଖେ ଯାଇ ନୀଳାଦ୍ରି ବିହାର ସେକ୍ଟର ୧, ୨, ୩, ୪, ୫ କଲୋନୀ, ୧୦ଟି ବସ୍ତି ଓ ଲୁମ୍ବିନୀ ବିହାର ପରିକ୍ରମା କରି ଜିଏ ପ୍ଲଟ ଠାରେ ପହଞ୍ଚି ଥିଲା। ସେଠାରେ ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟକୁ ଶ୍ରୀଯୁକ୍ତ ରାଉତ ଉଦ୍‌ଘାଟନ କରିଥିଲେ। ପରେ ଡିଷ୍ଟ୍ରିକ୍ଟ ସେଣ୍ଟରରେ ରୋଡ ଶୋ କରି କଳାମନ୍ଦିର ନିକଟ ଦୁର୍ଗା ପଡିଆ ଠାରେ ଶୋଭାଯାତ୍ରା ପହଞ୍ଚି ଥିଲା।








# ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି । ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା । ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ । ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା । ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା । ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି ।

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି ।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ ହୋଇପାରିବ ବୋଲି କମ୍ପାନୀ କର୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭ଼ି ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସିହିତ ଜଡ଼ଇତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି ।



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ । ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ । ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି । ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର । ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ । ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ । ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି । ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁଁ ଅଧିକ ସମୟ ଦେଇପାରନ୍ତି ନାହିଁ । ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି ।



## ମୋ ପରି ଶରୀର ସମସ୍ତଙ୍କୁ ମିଳେନି

ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ୱାଜା ତୁମ ହୋ' ହୋଇଛି ରିଲିଜ୍ । ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି । ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି । ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି । ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ । ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ । କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମରନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଷେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲେ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




ଭୁବନେଶ୍ୱର, ୨୦୨୪, ମଇ ୧୧

# ସଭ୍ୟତାର ସୂଚୀପତ୍ର ...


ଡ଼ି ଶୁଭମ୍

କୃଷି – ସେ ମାନବସମାଜର ସଂଚାଳକ ଶକ୍ତି। ଜୀଇଁବାର ପ୍ରତ୍ୟେକଟି ମୁହୂର୍ତ୍ତକୁ ଅନୁଭବ କରିବାର ମାଧ୍ୟମ ଏଇ କୃଷି। ସଭ୍ୟତାର ସୂଚୀପତ୍ର ଆଉ ଚିନ୍ତା ଓ ଚେତନାର ଉନ୍ମେଷକ। ଦିନରେ ଦି ଓଳି ଖାଇବାର ସ୍ୱପ୍ନକୁ ଚରିତାର୍ଥ କରେ କୃଷି। ଆଉ ଏସବୁକୁ ନିଜ ହାତରେ ବାସ୍ତବତାର ରୂପ ଦିଏ ସେ ମାଟିର ମଣିଷ। କାଦୁଅ କ୍ଷେତର ସେ ଚିରପରିଚିତ ସାଥୀ। ରାତି ପାହିଲେ ପଖାଳ ମୁଠାଏରୁ ଆରମ୍ଭ ହୋଇଯାଏ ଏ ଚାଷର ମହାନ ପର୍ବ। ବ୍ୟବସାୟ ନୁହେଁ ବରଂ ନଜ କର୍ମସିକ୍ତ ଜୀବନର ଏକ ସାର୍ଥକ ପ୍ରତିବେଦନ ଭାବରେ ପ୍ରତ୍ୟେକ ଦିନ ଏହି ସ୍ୱର୍ଗୀୟ ଅନୁଭୂତିକୁ ଅବଲୋକନ କରେ ଚାଷୀ। ବନ୍ଧ୍ୟା ଜମିକୁ ଶ୍ୟାମଳା କରିବାର ସେ ସାଜେ ସାରଥୀ। ସର୍ବୋପରି ଏ ଧରାପୃଷ୍ଠରେ ଧରିତ୍ରୀମାତାର ଅମୃତସନ୍ତାନ ଭାବରେ ନିଜ କର୍ମକୁ ସଠିକ ଢ଼ଙ୍ଗରେ ପାଳନ କରେ। ଅନୁଭବ କରେ ସେ ମହାର୍ଘ୍ୟ ଅନୁଭୂତିର ଉଚ୍ଚାରଣକୁ ମର୍ମେମର୍ମେ।

କହିଁ କେଉଁ କାଳରୁ ଅକ୍ଷିମୁଠି ପରମ୍ପରା ଆମ ଗାଁ ମାନଙ୍କରେ ରହି ଆସିଛି। ଚାଷୀ ବୈଶାଖରେ ଜମିରେ ବିହନ ବୁଣେ। ଏଇ ଦିନ ହିଁ ବିହନର ଅନୁକୂଳ ହୁଏ। କର୍ଷଣରୁ କୃଷି। ଆଜିର ଦିନରେ ଚାଷ ଜମିରେ ଲଙ୍ଗଳର ସ୍ପର୍ଶ ହୁଏ। ସୁବର୍ଣ୍ଣ ଫଳେଇବାର ସ୍ୱପ୍ନ ଦେଖେ ଚାଷୀ। ଅକ୍ଷିମୁଠି ଅନୁକୂଳ ପରେ ଆଷାଢ଼ର ବର୍ଷାଧାରାରେ ଏସବୁ ଗଜାର ରୂପ ନିଏ। ଆଉ ଚାଷୀ ମନରେ ଖେଳିଯାଏ ଆନନ୍ଦର ବର୍ଣ୍ଣବିଭା। ବାସ୍ . . ଏ ଅକ୍ଷୟ ତୃତୀୟା ଠୁ ଆରମ୍ଭ ହୁଏ ବୁଣା ବେଉଷଣର ପର୍ବ। ବିହନ ବୁଣିବା ଠାରୁ ଜମିରେ ପାଚିଲା କେଣ୍ଡା ଫୁରୁଫୁରୁ ହୋଇ ପବନର ସାଥୀରେ ଝୁଲିବା ଯାଏଁ ସ୍ଥିର ହୋଇ ବସିପାରେନି ଚାଷୀ। କହିବାକୁ ଗଲେ ଏ ପାଚିଲା କେଣ୍ଡାର ପ୍ରକୃତ ଏନ୍ତୁଡ଼ିଶାଳ ହିଁ ଅକ୍ଷି ତୃତୀୟା। ମାଟିର ମଣିଷ ,ମାଟି ସହ ମାଟି ହୋଇ ଲାଗିପଡ଼େ ସଭ୍ୟତାର ସୂଚୀପତ୍ରକୁ ସଠିକ ରୂପ ଦେବା ପାଇଁ। ଏସବୁତ ଚାଷୀର ପର୍ବ। ଏକଥାକୁ ଅସ୍ୱୀକାର କରାଯାଇନପାରେ।

ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ। ଗତ ବର୍ଷେ ତଳେ ଯେତେବେଳେ ମୁଁ କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି ମନରେ ତ ଅନେକ ଭୟ ନେଇ ଯାଉଥିଲି। ଛଅ ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି , ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘ ।ର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ? ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ।

ପିଲାଦିନେ ଯେବେ ଆମେ କିଛି ଭୁଲ କରିବସୁ , ଆମା ବାପା ମା’ ଆମକୁ ଗାଳି କରିବା ଉଦ୍ଦେଶ୍ୟରେ କହନ୍ତି: ଆରେ ପାଠପଢ଼ୁନୁ , ବଡ଼ ହେଲେ କଣ ଗାଇ ଚରେଇବୁ ନା ଚାଷ କରିବୁ। ଏକଥା କଟାକ୍ଷ ଭାବରେ ସିନା ବ୍ୟବହାର କରାଯାଏ। କିନ୍ତୁ ଏ ମାନସିକତାର ଅନ୍ତ ହେବା ନିତ୍ୟାନ୍ତ ଜରୁରୀ। ପ୍ରଥମ ବର୍ଷ ଯେବେ କୃଷି ସ୍ନାତକରେ ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲଇ। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ??? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ , ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି , ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘ । ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ........

(ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (ଓସୋକା) , ଭୁବନେଶ୍ୱର , ମୋ- ୯୪୩୮୪୬୭୦୭୯)

# ମୁଁ ଭୋଟ ଦେବି କାହାକୁ


ଡୁଇଟ୍ ଡେଭିଡ ଫିଲିପ

ମୁଁ ଭୋଟ ଦେବି କାହାକୁ, ଏହା ଏକ ଜଟିଳ ପ୍ରଶ୍ନ। ଏହି ପ୍ରଶ୍ନ ପଚାରୁଛନ୍ତି, କାମ ବାଲି, ଚାକର, ପିଅନ, ନିର୍ମାଣ ଶ୍ରମିକ, ଗାଁର ସରକାରୀ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ମାନଙ୍କ ମାଁ ଓ ବାପା। ପଚାରୁଛନ୍ତି ନୂଆ ଯୁବା ଯୁବତୀ ଭୋଟର, ପଚାରୁଛନ୍ତି କୋଟି କୋଟି ସରକାରୀ ବସ ଯାତ୍ରୀ ଓ ତୃତୀୟ ଶ୍ରେଣୀର ରେଳ ଯାତ୍ରୀ। ପଚାରୁଛନ୍ତି, ବିହାରର ମୂଷାହାରି, ଛତିଶଗଡର ଗଣ୍ଡ, ଝାଡ଼ଖଣ୍ଡର ହୋ, ଓଡ଼ିଶାର କୁଟିଆ କନ୍ଧ। ଉତ୍ତର ଖୋଜିବ କେଉଁଠି। ଏମାନେ ଭାରତରେ ସମସ୍ତେ ମିଶି ୩୦% ରୁ ଅଧିକ।ଖବର କାଗଜର ଗର୍ଭ ଗୃହ କହୁଛି, ସର୍ବଜାତୀୟ ଗଣତନ୍ତ୍ର ଇଣ୍ଡେକ୍ସରେ ଭାରତ ତଳମୁହାଁ ହୋଇ ସାରିଛି। ପ୍ରଧାନ ମନ୍ତ୍ରୀ ଆଉ ବିଶ୍ୱ ଗୁରୁ ନକହି, ବିଶ୍ୱ ବନ୍ଧୁ କହିଲେଣି। ଧର୍ମ ଭିତ୍ତିକ ଉତ୍ପିଡନରେ ଭାରତ ଆଗୁଆ। ମାନବ ଅଧିକାର ଭାରତରେ ଭଙ୍ଗ ହେବା ମାତ୍ରା ପାଇଁ ବିଶ୍ୱ ଦରବାର କ୍ଷୁବ୍ଧ। ବିଦେଶୀଙ୍କ ପାଇଁ ଅସହିଷ୍ଣୁ ହେବା ବଢ଼ି ଚାଲିଛି ବୋଲି ୱାଇଡେନ୍ କହିଛନ୍ତି। ଜି-୨୦ ରେ, ଧର୍ମ ଭିତ୍ତିକ ସ୍ୱାଧୀନତା କୁ ଗୁରୁତ୍ୱ ଦିଆଯାଇଛି। କେଜ୍ରିୱାଲଙ୍କ ବନ୍ଦୀ ହେବା, ଗଣତନ୍ତ୍ର ଓ ଦେଶର ଗଣତାନ୍ତ୍ରିକ ନେତାକୁ ବିଚଳିତ କରିଛି। ସମ୍ବାଦ ପତ୍ରର ସ୍ୱାଧୀନତା ବି ପ୍ରଶ୍ନର ଘେରକୁ ଆସିଛି। ଭାରତର ସ୍ୱାସ୍ଥ୍ୟ ବିବୃତିକୁ 'ଲାନସେଟ' ପତ୍ରିକା ସନ୍ଦେହ କରୁଛି। ହାର୍ଭାର୍ଡ ରିପୋର୍ଟ ଅନୁଯାଇ ଭାରତର ଶିଶୁ ପୁଷ୍ଟିହୀନତା ୬.୭ ମିଲିୟନ। ବିଶ୍ୱ କ୍ଷୁଧା ଇଣ୍ଡେକ୍ସ ଅନୁଯାୟୀ ଭାରତ ୧୧୧ ରୁ ୧୨୫ କୁ ଖସିଛି। ବିଶ୍ୱ ଦାସତ୍ୱ ଇଣ୍ଡେକ୍ସ ରେ ଭାରତ ଜି-୨୦ ଦେଶମାନଙ୍କ ଭିତରେ ସବୁଠୁ ଶୀର୍ଷରେ ଅଛି। ଯୁବା ବେରୋଜଗାରରେ ଭାରତ ୨୩.୨୨ % ରେ, ଯାହାକି ପାକିସ୍ତାନ ଠୁ ଅଧିକ। ଏସବୁ ତଥ୍ୟ ଓଓଜର/ୱାୟାର ମାଗାଜିନ୍ ରୁ ମିଳିଛି।

ଗଣତନ୍ତ୍ରରେ ନାଗରିକ ଭୋଟ ଦେଇ ନିଜ ନେତା ବାଛିଥାଏ। ମୁଖ୍ୟ ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀଙ୍କୁ ଭାରତରେ ନିର୍ବାଚିତ ସଦସ୍ୟ ମାନେ ବାଛନ୍ତି। ମୁଖ୍ୟ ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ପାଇଁ କେବଳ ନବୀନ ଓ ମୋଦି କିମ୍ବା ରାହୁଲ ଓ କେଜ୍ରିୱାଲ ବା ତେଜସ୍ୱୀ ଓ ସଚ୍ଚିନ ଯୋଗ୍ୟ କହିବା ଉଚିତ୍ ନୁହେଁ। ନେଟ ର ଏକ ଆକଳନରୁ ଓଡ଼ିଶାରେ ପ୍ରାୟ ୩.୨୯ କୋଟି ଭୋଟର ୨୦୨୪ ମସିହାରେ ଭୋଟ ଦେଇ ପାରିବେ। ଓଡ଼ିଶାରେ ୧୪୭ ଜଣ ବିଧାୟକ ନିର୍ବାଚିତ ହୋଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟା କିଛି ଜଣଙ୍କୁ ମନ୍ତ୍ରୀ କରି ପାରିବେ।

ସମଗ୍ର ଭାରତରେ ଅନ୍ୟ ଏକ ନେଟର ଆକଳନରୁ ଜାଣିବାକୁ ମିଳୁଛି, ପ୍ରାୟ ୯୭ କୋଟି ଭୋଟର ଭୋଟ ଦେବେ ଓ ୫୪୩ ସାଂସଦକୁ ନିର୍ବାଚିତ କରିବେ। ଭାରତ ଓ ଓଡ଼ିଶାରେ ଏହି ୯୭ କୋଟି ଜନତା ଭିତରେ ଲୁଚିରହିଛନ୍ତି ଲକ୍ଷାଧିକ ସାଧୁ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ନାଗରିକ ମାନେ। ନେତା ଓ ନେତୃତ୍ୱର ଅଭାବ ନାହିଁ। ହୁଏତ କୁଟ ନୀତିଜ୍ଞ ମାନଙ୍କର ଅଭାବ ଅଛି।

ଆମେ ଯାହାକୁ ନିର୍ବାଚିତ କରିବା ସେ ନିର୍ବାଚିତ କରିବେ ତାଙ୍କ ଭିତରୁ ନେତା, ଯିଏକି ଓଡ଼ିଶା ଓ ଭାରତର ଆଗାମୀ ପାଞ୍ଚ ବର୍ଷର ଭାବି ପ୍ରଗତି ଓ ତନ୍ତ୍ରକୁ ରୂପ ଦେବେ।

ନିର୍ବାଚନ ପରେ ପ୍ରାୟ ୯୭ କୋଟି ଭୋଟର ଦେଖିବେ, ତାଙ୍କ ଭୋଟ ର ଫଳାଫଳ କେଉଁ ରୂପ ନେଲା। ଭୋଟ ଦେଲି କାହାକୁ, ନେତା ହେଲା କିଏ। ଭୋଟ ଦେଲାବେଳକୁ ଭୋଟରଙ୍କୁ ପ୍ରଭାବିତ କରିଥାଏ: ଦଳର ନାମ, ଦଳର ଚିହ୍ନ, ଦଳର ଦର୍ଶନ ଓ ପ୍ରାର୍ଥୀଙ୍କ ଚରିତ୍ର।

ନିର୍ବାଚନ ପୂର୍ବ ? ପ୍ରାର୍ଥୀଙ୍କୁ ଓ ପରେ ନିର୍ବାଚିତ ନେତାଙ୍କୁ ନିଜ ଜଣାଣି ଯଦି ଜଣାଇ ପାରୁନାହୁଁ, ତାଙ୍କୁ ଭୋଟ ଦେଇ ଲାଭ ନାହିଁ। ପ୍ରାର୍ଥୀ ଓ ନିର୍ବାଚିତ ନେତା ଭୋଟରଙ୍କୁ ଭୋଟ ପରେ ଭୁଲିଯିବା ଗ୍ରହଣୀୟ ଆଚରଣ ନୁହେଁ।

ରାଷ୍ଟ୍ର ପତି ଯଦିଓ ରାଷ୍ଟ୍ର ମୁଖ୍ୟ, ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ଯଦିଓ ଦେଶର ଓ ପ୍ରଦେଶର ନେତୃତ୍ୱ ନିଅନ୍ତି, ତାଙ୍କ ପାଖରେ ଆମ ଜଣାଣ ଜଣାଇବାର ପ୍ରଥମ ବିକଳ୍ପ, ଆମ ଅଞ୍ଚଳର ପ୍ରାର୍ଥୀ ଓ ନିର୍ବାଚିତ ନେତା। ତେବେ ମୁଁ ଭୋଟ ଦେବି କାହାକୁ। ଦଳର ନାମ, ଦଳର ଚିହ୍ନ, ଦଳର ଦର୍ଶନ କୁ, ନା ପ୍ରାର୍ଥୀଙ୍କୁ। ପ୍ରାର୍ଥୀ ଓ ଦଳର ନାମ, ଦଳର ଚିହ୍ନ, ଦଳର ପ୍ରକୃତି ଓ ଦଳର ଦର୍ଶନ ଭିତରେ ଅନେକ ସମୟରେ ସମନ୍ୱୟ ରହେ ନାହିଁ। ତେବେ ମୋର ପ୍ରାଧାନ୍ୟତା କଣ। ନେତା, ଦଳ ବଦଳାଇବା, ଭାରତର ରାଜନୀତିରେ ଏବେ ଏକ ସାଧାରଣ ବିଷୟ। ଦକ୍ଷିଣ ପନ୍ଥି, ବାମ ଦଳକୁ ଓ ବାମ ପନ୍ଥି, ଦକ୍ଷିଣ ପନ୍ଥିକୁ ବି ଡେଇଁବା, ସାଧାରଣ ବିଷୟ ହୋଇଛି। ଦଳର ଚିହ୍ନ, ଦଳ ର ପ୍ରକୃତି ଓ ଦଳର ଦର୍ଶନ, ପ୍ରାର୍ଥୀମାନଙ୍କୁ ଦଳରେ ବାନ୍ଧି ରଖି ପାରୁନାହିଁ। ନିର୍ବାଚନ ପରେ ସେମାନେ ଯଦି ଭୋଟରକୁ ଆଖି ଠାରୀ ଦିଅନ୍ତି ତେବେ ଆମେ କରିବା କ'ଣ ?

ଆଜିର ଓଡ଼ିଶା ଓ ଭାରତ, ବିଜୟୀ ଦଳର ଚିହ୍ନ, ପ୍ରକୃତି ଓ ଦର୍ଶନ ତଥା ବିଜୟୀ ପ୍ରାର୍ଥୀଙ୍କୁ ନେଇ ପରିଚୟ ପାଉଛି। ଭାତ ହାଣ୍ଡି ଓ ଛାତର ଭବିଷ୍ୟତ ନିର୍ଦ୍ଧାରଣ କରୁଛି ପ୍ରାର୍ଥୀ ଚୟନ। କିନ୍ତୁ ଭାତ ହାଣ୍ଡି ଓ ଛାତର ଭବିଷ୍ୟତ ନାଁରେ ମୁଁ ମୋର ଭୋଟ ଦେଇ ଦେଶର ଗଣତାନ୍ତ୍ରିକ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉ ନାହିଁ ତ ?

ମୁଁ ଓ ମୋର ସହ ନାଗରିକ, ପୁଣି ମୋ ଦେଶ, ଅନ୍ୟ କାହାର ଚାପରେ ଯଦି ଅଛି, ତେବେ ମୋର ସ୍ୱାଧୀନତା ନାହିଁ, ଆଉ ମୁଁ ଗଣତନ୍ତ୍ର ଭୋଗ କରି ପାରୁ ନାହିଁ କୁହାଯିବ। କେବଳ ଭୋଟ ଦେବା ଗଣତନ୍ତ୍ର ନୁହେଁ। ଅନ୍ୟର କ୍ଷତି ନକରି, ସ୍ୱାଧୀନ ଭାବେ, ନିଜର ଖୁସିକୁ ଉପଭୋଗ କରିବା, ମୋ ପାଇଁ ପ୍ରକୃତ ସ୍ୱାଧୀନତା ଓ ଗଣତନ୍ତ୍ର। ଭାତ ହାଣ୍ଡି ଓ ଛାତର ଭବିଷ୍ୟତ ନାଁରେ, ସ୍କିମର ଆଳରେ, ମୋର ଭୋଟକୁ, ଅର୍ଥାତ ସ୍ୱାଧୀନତାକୁ କିଣା ଯାଉନାହିଁ ତ ? ମୁଁ ଭୋଟ ଦେଉଛି ନା ମୁଁ ବିକ୍ରି ଯାଉଛି ? କିଣିଲା ପରେ, କିଣା ପଦାର୍ଥ ବା ବିକ୍ରି ହୋଇଥିବା ମଣିଷ ଉପରେ କ୍ରେତାଙ୍କର ଏକଛତ୍ର ଅଧିକାର ରହେ। ଭାରତରେ ଭୋଟର ମାନଙ୍କର ଅବସ୍ଥା କିଣା ଅବସ୍ଥାକୁ ପହଞ୍ଚି ସାରିଲାଣି ବୋଲି ଚର୍ଚ୍ଚା।

ମଦ, ମାଂସ, ଟଙ୍କା କେବଳ ଭୋଟ କିଣିବା ମାଧ୍ୟମ ନୁହେଁ, ଚିହ୍ନ, ଦର୍ଶନ, ଦଳ, ନାରା, ପ୍ରତିଶ୍ରୁତି ବି ଭୋଟ ଲୋଭେଇବାର ମାଧ୍ୟମ ହୋଇଛି। ଭୋଟ, କିଣା ବିକାର ଶିକାର ନହୋଇ, ଗଣତାନ୍ତ୍ରିକ ଉପାୟରେ ଭବିଷ୍ୟତ 'ନିର୍ଦ୍ଧାରଣର ତନ୍ତ୍ର' ହେଉଛି ନିର୍ବାଚନ।

ନିର୍ବାଚନ ଗଣତନ୍ତ୍ରର ଏକ ସର୍ବଶ୍ରେଷ୍ଠ ପର୍ବ। ନିର୍ବାଚନ ଆୟୋଗର ଅଧିନରେ କ୍ଷମତାର ବିନ୍ଦୁ ଗୁଡ଼ିକ, ପୋଲିସ, ପ୍ରଶାସନ ଇତ୍ୟାଦି, ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହୁଅନ୍ତି। ବିଚାରାଳୟ, ନିର୍ବାଚନ ଆୟୋଗର ସ୍ୱାଧୀନତାକୁ ନିଶ୍ଚିତ କରନ୍ତି। କିନ୍ତୁ ସନ୍ଦେହ, 'ନିର୍ବାଚନ ଆୟୋଗ' ଓ ଏହାର କର୍ମକର୍ତ୍ତା, ନିର୍ବାଚନ ପ୍ରକ୍ରିୟାର ଆରମ୍ଭରୁ ଶେଷ ଯାଏଁ, ଶାସକ ଦଳ ଦ୍ୱାରା ପରିଚାଳିତ ହେଉ ନାହିଁତ ?

ଭାରତରେ ନିର୍ବାଚନ ଆୟୋଗ ସ୍ୱାଧୀନ ବୋଲି ଯଦି ନାଗରିକ ଅନୁଭବ କରି ପାରୁ ନାହିଁ, 'ଝିଅ ପ୍ରେମ-ବିବାହ କରୁଛି ସତ କିନ୍ତୁ ପ୍ରେମର ଆଳରେ ସେ ପ୍ରତାରିତ ହେଉଛି'।

ଭାରତ, ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପୂଜା କରେ। ସେମାନେ ପୂଜ୍ୟ। ଆଠଟି ଦସନ୍ଧି, ଅପର୍ଯ୍ୟାପ୍ତ ମାନବ ସମ୍ବଳ, ପ୍ରାକୃତିକ ସମ୍ପଦ ଓ ସମ୍ବିଧାନ, ବିକାଶ ପାଇଁ ଯଥେଷ୍ଟ ଉପାଦାନ ଅଟେ। ହେଲେ, ଭାତ ହାଣ୍ଡି ଓ ଛାତ, ସମସ୍ତଙ୍କ ପାଇଁ ସୁନିଶ୍ଚିତ ହୋଇ ପାରି ନାହିଁ। ପିଇବା ପାଣି, ବିଜୁଳି, ଶିକ୍ଷା ସ୍ୱାସ୍ଥ୍ୟ, ସହରର ବସ୍ତି ଓ ଜରିବେଟୁଙ୍କୁ ଦେଖିଲେ, ବିକାଶର ବାସ୍ତବ ସ୍ଥିତି ସ୍ପଷ୍ଟ ହୋଇ ଯାଉଛି। ଗାଁ ମାନଙ୍କରେ ନାଳ ଓ ନଳ, ପଲିଥିନ ଓ ଖୋଲା ମେଲା ଦେହ, ପୋଖରୀ ତୋଠରେ କେବଳ ନୁହେଁ, ବସ୍ତି ଓ ବଜାରେ ମଧ୍ୟ ମୁକୁଳା ଦିଶୁଛି। ଆଦିବାସୀ ଓ ହରିଜନ କେବଳ ନୁହେଁ, ଭାତ ହାଣ୍ଡି ଓ ଛାତ ଅସୁରକ୍ଷିତ ପ୍ରତ୍ୟେକ ନାଗରିକ ବି ନୁହେଁ, ଆମ ସମସ୍ତଙ୍କର ଏକ ପ୍ରଶ୍ନ, ମୁଁ ଭୋଟ ଦେବି କାହାକୁ ?

*ଓକିଲ ଓ ସମାଜ ସେବୀ, କଳାହାଣ୍ଡି,*
*ମୋ: ୯୪୩୭୧୦୪୩୦୩*

# ଶତାୟୁ ଚାଷୀ ଓ ଧର୍ମପ୍ରାଣ ନାରାୟଣ ସ୍ୱାଇଁଙ୍କ ଏକାଦଶାହ ସ୍ମୃତି ଅବସରରେ

## 'ନରଦେହ ହୀନ ମୃତ୍ତିକା ନୁହେଁ, ନାରାୟଣ ତା'ର ଜୀବନ ରସ'


ଶ୍ୟାମ ସୁନ୍ଦର ସାମଲ

ଥରେ ବିଶିଷ୍ଟ ସାଇ ଆଶ୍ରିତ ଜନ୍ ହିସଲବ୍‌ଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀ ସତ୍ୟସାଇ ବାବା କହିଥିଲେ 'ଜୀବନର ଉଦ୍ଦେଶ୍ୟ ହେଉଛି ଲାଭଦାୟକ ଭାବେ ମୃତ୍ୟୁବରଣ କରିବା'। ଏହାର ଅନ୍ତରାର୍ଥ ହେଉଛି ମୃତ୍ୟୁ ନିଶ୍ଚିନ୍ତ ଆମେ ଚାହୁଁ ବା ନ ଚାହୁଁ, ଆମର ସୁବିଧା ହେଉ କି ଘୋର ଅସୁବିଧା ହେଉ। ମୃତ୍ୟୁ ନିର୍ଦ୍ଧାରିତ ସମୟରେ ହିଁ ଆସିବ। ତେଣୁ ଏପରି ନିଶ୍ଚିନ୍ତି ଯେଉଁ ମୃତ୍ୟୁ ତାହାର ସମ୍ମୁଖୀନ ହେବା ନିମିତ୍ତ ସଦାସର୍ବଦା ପ୍ରସ୍ତୁତ ହୋଇରହିବା ପ୍ରତ୍ୟେକ ବ୍ୟକ୍ତି ପଥେ ବାଞ୍ଛନୀୟ। ମଣିଷର ଜୀବନର ପରିଧି ଭିତରକୁ ବେଳେ ବେଳେ ଏପରି ଜଣେ ଜଣେ ବ୍ୟକ୍ତି ଆସିଯାଆନ୍ତି ଯେ ପରବର୍ତ୍ତୀ ସମୟରେ ମଣିଷ ଭାବେ ଏହା ଭଗବାନଙ୍କ କରୁଣା। ତାଙ୍କୁ ଦେଖିବା ପରେ, ତାଙ୍କ ସହ ମିଶିଲା ପରେ, ମଣିଷ ବହୁ ଭାବରେ ପ୍ରଭାବିତ ହୁଏ। ତାଙ୍କର ଗୁଣାବଳୀକୁ ଅନ୍ୟ ଆଗରେ ପ୍ରକାଶ କରିବାରେ ମଣିଷ ସପ୍ତଜିହ୍ୱ ହୋଇଉଠେ ଏହିପରି ବନ୍ଧୁ ଯଦି ଅକସ୍ମାତ ଏ ଧରାଧାମ ତ୍ୟାଗ କରି ଆରପାରିକୁ ଚାଲିଯାଆନ୍ତି ତେବେ ମନରେ କି ଦୁଃଖ ହୁଏ ତାହା କେବଳ ଅନୁଭବୀ ବ୍ୟକ୍ତି ହିଁ ବୁଝିପାରିବ। ଏହାକୁ ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ।

ବିସ୍ମୃତିର ବାଲୁକା ବେଳାରୁ ସ୍ମୃତି ଶାମୁକା ସାଉଁଟୁ ସାଉଁଟୁ ହଠାତ୍ ଜୀବନ ବେଳା ଭୂମିର ପଦଚିହ୍ନ ମଧ୍ୟରେ, ଉଦବେଳିତ ମମତା ତରଙ୍ଗରେ ଧୌତ ଅସ୍ୱଷ୍ଟ, ଅଶରୀରି କେତେକ ମହାପୁରୁଷଙ୍କର ଛବି ଛାପି ହୋଇଯାଏ ହୃଦୟର କେଉଁ ନିଭୃତ କାନଭାସ ଉପରେ। ପତ୍ତା ଓ ସତ୍ତା ମୂର୍ତ୍ତିମାନ ହୋଇଉଠନ୍ତି। ଜୀବନ-ବାଣୀ ତନ୍ତ୍ରୀରେ ସମ୍ପର୍କର ଝଙ୍କାରରେ ଆବିର୍ଭୂତ ହୁଅନ୍ତି ସେଇ ମହିମାମୟ ମହାପୁରୁଷମାନେ। ମିଳନର ସାହାନାଇ ଗୁଞ୍ଜରି ଉଠେ। ଅତୀତର ରୋମନ୍ଥନରେ ଅଶରୀର ସଶରୀର ହୋଇଉଠେ।

ସେଇ ଅବିସ୍ମୃତିକୁ ସ୍ମୃତର ଝଲକଟିଏ। ଆତ୍ମ ପ୍ରଖ୍ୟାପନ ଡିଣ୍ଡିମ ବଜାଉ ନଥିବା ସାଧନା ମନ୍ଦିରର ପୂଜାରୀଟିଏ। ସିଦ୍ଧମହାବୀର ଓ ହରହର ମହାଦେବଙ୍କର ପରମ ଭକ୍ତ ନାରାୟଣ। ନାରାୟଣ ସ୍ୱାଇଁ, ନାରାୟଣ ମଉସା ଭାବେ କୋଶ କୋଶ ଦୂର ପର୍ଯ୍ୟନ୍ତ ସ୍ଥାନୀୟ ମୂଳକରେ ସେ ଏକ ପରିଚିତ ମଣିଷଟିଏ। ସେ ନିରଳସ ନୀରବ ସାଧକ। ସ୍ରଷ୍ଟା, ଦ୍ରଷ୍ଟା, ଦିଗଦର୍ଶକ, ଦରଦୀ ବନ୍ଧୁ, ସ୍ନେହୀ ପିତା, ଆଦରଣୀୟ କର୍ମଯୋଗୀ ଶିକ୍ଷକ, ନିରଳସ ସମାଜସେବୀ, ସର୍ବୋପରି ନିଚ୍ଛକ ଏକ ଉତ୍ତମ ମଣିଷ। ମଣିଷକୁ ଭଲ ପାଉଥିବା ମଣିଷ। ସବୁଠାରୁ ବଡ଼କଥା ଶତାୟୁ ହୋଇ ମଧ୍ୟ ଚାଷବାସ କାର୍ଯ୍ୟରେ ଅନ୍ୟମାନଙ୍କୁ ଦିଗଦର୍ଶନ ଦେବାରେ ସେ ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ବ୍ୟସ୍ତ ରଖିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଗାଁ ମୁରବୀ, ବିଶିଷ୍ଟ ଚାଷୀ ତଥା ଧର୍ମପ୍ରାଣ ନାରାୟଣ ସ୍ୱାଇଁଙ୍କ ୯୧ ବର୍ଷ ବୟସରେ ପରଲୋକ ଖବରଟି ସ୍ଥାନୀୟ ଅଞ୍ଚଳରେ ଯେଉଁ ଦୁଃଖର ଢ଼େଉ ଖେଳାଇ ଦେଇଛି ତାହା ଅବର୍ଣ୍ଣନୀୟ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଗ୍ରାମର ଆରାଧ୍ୟ ସିଦ୍ଧ ମହାବୀର, ମହାଦେବ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା କରିବା ସହ ଗାଁର ଉନ୍ନତିକଳ୍ପେ ତାଙ୍କ ସମୟ ଅତିବାହିତ କରୁଥିଲେ। କର୍ମମୟ ଜୀବନରେ ସମସ୍ତେ ଥିଲେ ତାଙ୍କ ସହ। ତାଙ୍କ ଭ୍ରାତା ନଟବର ସ୍ୱାଇଁ, ସୀତାକାନ୍ତ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ, ଦିବାକର ସ୍ୱାଇଁ, ଭଉଣୀ ସାରିଆ ଦେବୀ, ପୁଅ ତଥା ପୂର୍ବତନ ବିଡ଼ିଓ ତିର୍ତ୍ତୋଲ, ଅଟଳବିହାରୀ ସ୍ୱାଇଁ, ରବିନ୍ଦ୍ର କୁମାର ସ୍ୱାଇଁ, କବୀର ଚରଣ ସ୍ୱାଇଁ, ସରୋଜ ରଞ୍ଜନ ସ୍ୱାଇଁ, ବୋହୂ ସୁଜୋସ୍ନା, ଲଳିତା, ଚଞ୍ଚଳା, କଲ୍ୟାଣୀ, ଝିଅ ଜ୍ୟୋସ୍ନାରାଣୀ ସ୍ୱାଇଁ, ଜ୍ୱାଇଁ ବିଭୁପଦାରବିନ୍ଦ ନାୟକ, ଭଣଜା ସାରଦା ପ୍ରସାଦ ନାୟକ, ପୁତୁରା ମାନସରଞ୍ଜନ ସ୍ୱାଇଁ, ନାତିନାତୁଣୀ ଅବିନାଶ, କାହ୍ନା, ଶିବୁନ୍, ମାମି, ମୁନା, ମାନୁ, ସାନୁ ପ୍ରମୁଖଙ୍କୁ ନେଇ ଏକ ସର୍ବବୃହତ୍ତ ଯୌଥ ପରିବାର। ତାଙ୍କ ପ୍ରିୟତା ଏପରି ଯେ ତାଙ୍କ ପରଲୋକ ଖବର ପାଇ ଚକବନ୍ଦୀ ଓ ବନ୍ଦୋବସ୍ତର ଅବସରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଇ.ଏ.ଏସ୍. ବିକାଶ ମହାପାତ୍ର, ସୁବାଷ ଚନ୍ଦ୍ର ସ୍ୱାଇଁ, ଶ୍ରୀ ସତ୍ୟସାଇ ସେବା ସମିତି, କଟକର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମସୁନ୍ଦର ସାମଲ, ଡାକ୍ତର ଦିଲ୍ଲୀପ କୁମାର ମହାରଣା, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଯେଉଁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ତାହା ଉଲ୍ଲେଖନୀୟ।

ମଣିଷ ମହାନ ହୁଏନା। ତା'ର ବଂଶ ପରମ୍ପରା, ଚାକିରିର ଅର୍ଥାଙ୍କ, ପ୍ରଚାର ପ୍ରସାରରେ ବଡ଼ିମା ଉତଥାପନ ଅଥବା ଛଳନାର ମୁଖ ଧାରଣ କରି ବଡ଼ପଣ୍ଡା ବୋଲାଇବା ବେଇମାନି କାରସାଦି ପାଇଁ। ଗଣ ପାଇଁ ଜୀବନକୁ ପଣ କରି ଏକ ଉତ୍ସର୍ଗୀକୃତ ଜୀବନରେ ଅନିର୍ବଚନୀୟ ବିଭୁ ସତ୍ତା ଉପଲବ୍ଧିରେ ନାରାୟଣ ମଉସାଙ୍କ ଜୀବନଚର୍ଯ୍ୟା। ସାଥୀ, ସାରଥୀ, ବନ୍ଧୁ, ସେବକ, ନିରଳସ ମଣିଷ ଜୀବନର ଜଣେ ସଚ୍ଚା ପ୍ରତିନିଧି ସେ। ନାମଟି ଥିଲା ନାରାୟଣ। ବାସ୍ତବରେ ଥିଲେ ସେ ଜଣେ ଦେବୋପମ ନାରାୟଣ ବ୍ୟକ୍ତିତ୍ୱ। ଦୁନିଆରେ ବହୁ ମଣିଷ ଜନ୍ମ ଗ୍ରହଣ କରୁଛନ୍ତି ନିଜର କାର୍ଯ୍ୟକାଳ ସାରି ବାହୁଡ଼ି ଯାଉଛନ୍ତି ପରପାରିକୁ। କିନ୍ତୁ କିଛି ମଣିଷ ତାଙ୍କର ମହତ କାର୍ଯ୍ୟ ପାଇଁ ସ୍ମରଣୀୟ ହୋଇ ରହିଯାଇଛନ୍ତି ସେହିପରି ଥିଲେ ଆମ ସମସ୍ତଙ୍କର ପ୍ରିୟ ନାରାୟଣ ମଉସା। ଶ୍ରୀମଦ ଭାଗବତର ବିଲକ୍ଷଣ ଧାଡ଼ିଟି ମନେପଡୁଛି – 'ଜୀବର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି।' ଭଗବତ ପ୍ରାପ୍ତି ନିମନ୍ତେ ନର ଦେହ ଧାରଣ ହିଁ ସର୍ବୋତ୍କୃଷ୍ଟ ଅବଲମ୍ବନ। ମାନବର ଏହି ଚରମ ଓ ପରମ ଅବସ୍ଥାକୁ ଲକ୍ଷ୍ୟ କରି ଚଣ୍ଡୀଦାସ ଗାଇ ଗଲେ – 'ଶୁନହେ ମାନୁଷ ଭାଇ, ସବାର ଉପରେ ମାନୁଷ ସତ୍ୟ, ତାର ଉପର ନାଇ।' ମଣିଷ ଜୀବିତା ଅବସ୍ଥାରେ ନୁହେଁ ବରଂ ପରଲୋକ ପ୍ରାପ୍ତିରେ ଜନତା ଜନାର୍ଦ୍ଦନ ତାଙ୍କ ପ୍ରତି ପ୍ରକାଶ କରୁଥିବା ଭାବ ହିଁ ପ୍ରକୃତ ମାପକାଠି। ପୂଜ୍ୟ ନାରାୟଣ ମଉସା ଆମ ଭିତରେ ବଞ୍ଚି ରହିବେ, ନିବିଡ଼ ଭାବ ବନ୍ଧନର କଳ୍ପବଟ ପରି। ତାଙ୍କର ଆଦର୍ଶର କଣିକାଟିଏ ଆମ ମାନଙ୍କ ଜୀବନରେ ପ୍ରତିଭାତ ହେଉ ଏତିକି ମାତ୍ର ଆଶାପୋଷଣ କରୁଛୁ। ଅନ୍ୟ ମାନଙ୍କ ପାଇଁ ସେ ଯେଉଁ ସେବା, ଆନନ୍ଦ ଓ ସହାନୁଭୂତି ଦେଇଯାଇଛନ୍ତି ତାହା ତାଙ୍କୁ ଅମର କରି ରଖିବ ଏହା ନିଃସନ୍ଦେହ। ପ୍ରେମିକ କବି ମାୟାଧର ମାନସିଂହଙ୍କ ଭାଷାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି – 'ନରଦେହ ହୀନ ମୃତ୍ତିକା ନୁହେଁ, ନାରାୟଣ ତା'ର ଜୀବନ ରସ, ମହାଚେତନାର ଅଂଶ ସେ ଏକ, ବିକାଶ ପାଇଁ କି ଶରୀର ବଶ।'

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,*
*ଶ୍ରୀସତ୍ୟସାଇ ସେବା ସମିତି, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ଡଲଫିନ୍: ଆଶ୍ଚର୍ଯ୍ୟଜନକ ଜଳଜୀବ ପ୍ରାଣୀ

ସାଇକତ୍ କୁମାର ବସୁ

ଏକ ଡଲଫିନ୍ ହେଉଛି ଏକ ଜଳଜୀବ ପ୍ରାଣୀ ଏବଂ ସେଠାରେ ପ୍ରାୟ ୪୦ ଟି ବିସ୍ତୃତ ପ୍ରଜାତି ଅଛି ଯାହାକୁ ଡଲଫିନ୍ କୁହାଯାଏ ।ଡଲଫିନ୍ ଆକାର ୧.୭ ମିଟର ଲମ୍ବ (୫ ଫୁଟ ୭ ଇନ୍) ଏବଂ ୫୦ କିଲୋଗ୍ରାମ (୧୧୦ ପାଉଣ୍ଡ) ମାଉଇର ଡଲଫିନ୍ ଠାରୁ ୯.୫ ମିଟର (୩୧ ଫୁଟ) ଏବଂ ୧୦ ଟନ୍ (୧୧-ସ୍ୱଳ୍ପ ଟନ୍) ଅର୍କା ପର୍ଯ୍ୟନ୍ତ । ବିଭିନ୍ନ ପ୍ରଜାତିର ଡଲଫିନ୍ sexual dimorphism ପ୍ରଦର୍ଶନ କରନ୍ତି ଯେଉଁଠାରେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ବଡ଼ ଅଟନ୍ତି । ସେମାନଙ୍କର ଶରୀର ଏବଂ ଦୁଇଟି ଅଙ୍ଗକୁ ଶୃଙ୍ଖଳିତ କରାଯାଇଛି ଯାହା ଫ୍ଲିପରରେ ରୂପାନ୍ତରିତ । ଯଦିଓ ସିଲ୍ ପରି ଯଥେଷ୍ଟ ନମନୀୟ ନୁହେଁ, ସେଗୁଡ଼ିକ ଦ୍ରୁତ ଅଟେ; କେତେକ ଡଲଫିନ୍ ସଂକ୍ଷେପରେ ଘଣ୍ଟା ପ୍ରତି ୨୯ କିଲୋମିଟର ବେଗରେ ଯାତ୍ରା କରିପାରନ୍ତି କିମ୍ବା ପ୍ରାୟ ୯ ମିଟର (୩୦ ଫୁଟ) କୁ ଡେଇଁପାରନ୍ତି । ଦ୍ରୁତ ଗତିଶୀଳ ଶିକାରକୁ ଧରିବା ପାଇଁ ଡଲଫିନ୍ମାନେ ସେମାନଙ୍କର କୋଣାର୍କ ଦାନ୍ତ ବ୍ୟବହାର କରନ୍ତି । ସେମାନଙ୍କର ଭଲ ବିକଶିତ ଶ୍ରବଣ ଅଛି ଯାହା ଉଭୟ ବାୟୁ ଏବଂ ଜଳ ପାଇଁ ଅନୁକୂଳ । ଏହା ଏତେ ବିକଶିତ ହୋଇଛି ଯେ କେତେକ ଅନ୍ଧ ହୋଇଥିଲେ ମଧ୍ୟ ବଞ୍ଚିପାରିବେ । କେତେକ ପ୍ରଜାତି ଗଭୀରତାରେ ଗାଧୋଇବା ପାଇଁ ଭଲ ଭାବରେ ଅନୁକୂଳ । ଥଣ୍ଡା ପାଣିରେ ଗରମ ରଖିବା ପାଇଁ ଚର୍ମ ତଳେ ଚର୍ବି, କିମ୍ବା ବ୍ଲବରର ଏକ ସ୍ତର ଥାଏ ।

ଡଲଫିନ୍ ବ୍ୟାପକ ଅଟେ । ଅଧିକାଂଶ ପ୍ରଜାତି ଟ୍ରପିକ୍ ଜୋନର ଉଷ୍ମ ଜଳକୁ ପସନ୍ଦ କରନ୍ତି, କିନ୍ତୁ କେତେକ, ଯେପରିକି ଡାହାଣ ବାଘ ଡଲଫିନ୍, ଶୀତଳ ଜଳବାୟୁକୁ ପସନ୍ଦ କରନ୍ତି । ଡଲଫିନ୍ ମୁଖ୍ୟତ ଲସଗ୍ୱଷ ମାଛ ଏବଂ ସ୍କ୍ୱିଡ୍ ଉପରେ ଖାଇବାକୁ ଦିଅନ୍ତି, କିନ୍ତୁ ଅଳ୍ପ କିଛି ଯେପରିକି ଅର୍କା, ସିଲ୍ ଭଳି ବଡ଼ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତି । ପୁରୁଷ ଡଲଫିନ୍ ସାଧାରଣତ ରଙ୍ଗରଙ୍ଗ ପ୍ରତିବର୍ଷ ଏକାଧିକ ମହିଳାଙ୍କ ସହିତ ସାଥୀ ହୁଅନ୍ତି, କିନ୍ତୁ ମହିଳାମାନେ ପ୍ରତି ଦୁଇରୁ ତିନି ବର୍ଷରେ ସାଥୀ ହୁଅନ୍ତି । ବାଛୁରୀ ସାଧାରଣତ ଗ୍ୱଷର ବସନ୍ତ ଏବଂ ଗ୍ରୀଷ୍ମ ମାସରେ ଜନ୍ମ ହୁଏ ଏବଂ ମହିଳାମାନେ ସେମାନଙ୍କୁ ବଂଚ଼ାଇବା ପାଇଁ ସମସ୍ତ ଦାୟିତ୍। ବହନ କରନ୍ତି । କେତେକ ପ୍ରଜାତିର ମାତାମାନେ ଶୀଘ୍ର ଏବଂ ସେମାନଙ୍କର ଛୁଆମାନଙ୍କୁ ଅପେକ୍ଷାକୃତ ଦୀର୍ଘ ସମୟ ପାଇଁ ନର୍ସ କରନ୍ତି । ଡଲଫିନ୍ମାନେ ବିଭିନ୍ନ ପ୍ରକାରର କଣ୍ଠଦାନ ସୃଷ୍ଟି କରନ୍ତି, ସାଧାରଣତ ମକ୍ଷସମଳ କ୍ଲିକ୍ ଏବଂ ହ୍ୱିସ୍ ଆକାରରେ ।

ଡଲଫିନ୍ ଡ୍ରାଇଭ୍ ଶିକାର ନାମରେ ପରିଚିତ ଏକ କାର୍ଯ୍ୟକଳାପରେ ଜାପାନ ପରି ଜାଗାରେ ଡଲଫିନ୍ ଶିକାର କରାଯାଏ । ଡ୍ରାଇଭ୍ ଶିକାର ବ୍ୟତୀତ, ସେମାନେ ବାଇକ୍ୟାଚ୍, ବାସସ୍ଥାନ ନଷ୍ଟ ଏବଂ ସାମୁଦ୍ରିକ ପ୍ରଦୂଷଣର ବିପଦର ସମ୍ମୁଖୀନ ହୁଅନ୍ତି । ବିଶ୍ worldwide ବିଭିନ୍ନ ସଂସ୍କୃତିରେ ଡଲଫିନ୍ ଚିତ୍ରିତ ହୋଇଛି । ଡଲଫିନ୍ମାନଙ୍କୁ ବେଳେବେଳେ ବନ୍ଦୀ କରି ରଖାଯାଏ ଏବଂ କ ସମଲଙ୍ଗ ଶଳ ପ୍ରଦର୍ଶନ କରିବାକୁ ତାଲିମ ଦିଆଯାଏ । ବନ୍ଦୀ ଅବସ୍ଥାରେ ସବୁଠାରୁ ସାଧାରଣ ଡଲଫିନ୍ ପ୍ରଜାତିଗୁଡିକ ହେଉଛି ବୋତଲନୋଜ୍ ଡଲଫିନ୍, ଯେତେବେଳେ ବନ୍ଦୀ ଅବସ୍ଥାରେ ପ୍ରାୟ ୬୦ ଟି ଅର୍କା ଅଛି ।

ଡଲଫିନ୍ମାନଙ୍କର ବୁଦ୍ଧି ସେମାନଙ୍କ ମସ୍ତିଷ୍କର ବଡ଼ ଆକାରରେ ଶ୍ରେୟ ଦିଆଯାଇପାରେ । ବାସ୍ତବରେ, ଡଲଫିନ୍‌ରେ ଶରୀରର ଆକାର ସହିତ ମସ୍ତିଷ୍କର ଅନୁପାତ ମନୁଷ୍ୟମାନଙ୍କ ତୁଳନାରେ ଦ୍ୱିତୀୟ ଅଟେ । ଡଲଫିନ୍ ମସ୍ତିଷ୍କର ଓଜନ ପ୍ରାୟ ୧୬୦୦ ଗ୍ରାମ । ଏକ ବୃହତ ମସ୍ତିଷ୍କର ଅର୍ଥ ହେଉଛି ପଥ ସୃଷ୍ଟି କରିବା, କ skills ଶଳ ଶିଖିବା ଏବଂ ସ୍ମୃତି ଗଠନ ପାଇଁ ଅଧିକ ନ୍ୟୁରନ୍ ଉପଲବ୍ଧ ।




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା – ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା–ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା – କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକଙ୍କୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି– ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ଼ିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ – ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :– ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :–ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :– ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମୋଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୂରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ

ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି । ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା । ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି ।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି । ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି । ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା । ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି । ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି । ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା । ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି । ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା । ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି । ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି । ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି । ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି । ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି । ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ମହାବିନାୟକ ଙ୍କୁ ପୂଜାର୍ଚ୍ଚନା କରି ନାମାଙ୍କନ କରିବାକୁ ବାହାରିଲେ ତିନି ପ୍ରମୁଖ ଦଳର ପ୍ରାର୍ଥୀ

ଦର୍ପଣ,(ପି ଏନ ):ଚ଼ତୁର୍ଥ ପର୍ଯ୍ୟାୟ ନିର୍ବାଚ଼ନ ପାଇଁ ଆଗାମୀ ଜୁନ ଏକ ତାରିଖ ହେବାକୁଥିବା ଭୋଟ ପାଇ ସାତ ତାରିଖରୁ ତେର ତାରିଖ ମଧ୍ୟରେ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ଦାଖଲ ପାଇଁ ସ୍ଥିରିକୃତ ହୋଇଛି କ୍ଷ ଆଜି ନାମାଙ୍କନ ପତ୍ର ଦାଖଲ ଚ଼ତୁର୍ଥ ଦିନରେ ବଡଚ଼ଣା ବିଧାନ ସଭା ଆସନ ପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀମାନେ ହଜାର ହଜାର ସମର୍ଥକ ଙ୍କ ସହ ଶୋଭାଯାତ୍ରା ଯାଇ ଯାଜପୁର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରଥମେ ଜାତୀୟ କଂଗ୍ରେସ ପ୍ରାର୍ଥ ସାମଲ ମହାବିନାୟକ ପୀଠରେ ପଞ୍ଚାଦେବତକ୍ଷଙ୍କୁ ପୂଜାର୍ଚ୍ଚନା କରି ସମର୍ଥଙ୍କ, ସହ ଶୋଭାଯାତ୍ରାରେ ଯାଜପୁର ଅଭିମୁଖେ ଯାଇଥିଲେ,। ପରେ ଭାରତୀୟ ଜନତା ପାର୍ଟି ର ପ୍ରାର୍ଥୀ ଅମର ନାୟକ ଓ ତାପରେ ବିଜୁ ଜନତା ଦଳର ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ, ମହାବିନାୟକଙ୍କୁ, ପୂଜାର୍ଚ୍ଚନା କରି ହଜାର ହଜାର ସମର୍ଥକ ଙ୍କ ସହ ଶୋଭାଯାତ୍ରା ରେ ଯାଇ ଯାଜପୁର ଉପଜିଲ୍ଲପାଳ ଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥଲେ କ୍ଷ ବାଜା ବକ୍ଷଣ ରୋଷଣୀ ରେ କିଛି ସମୟ ଧରି ଚ଼ଣ୍ଡିଖୋଲ ଟ୍ରାଫିକ ଜାମ ହୋଇଥିବାର ଦେଖା ଯାଇଥିଲା । ପ୍ରକ୍ଷଥି,ଘୋଷଣା ପରେ ପ୍ରକ୍ଷଥି ମାନେ ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ଗ୍ରାମ ପଂଚ଼ାୟତ ରେ ପ୍ରଚ଼ାରକୁ ଜୋରଦାର କରିଥଲେ ।ବିଜେଡି ରୋଡ ଶୋ ରେ ଜୋର୍ ଦେଇ ଥିବା ସମୟରେ, ବିଜେପି ମିଶ୍ରଣ ପର୍ବ ରେ ଗୁରୁତ୍ୱ ଦେଇଥିଲା । କଂଗ୍ରେସ ଘରକୁ ଘର ବୁଲି କଂଗ୍ରେସ ଗ୍ୟାରେଣ୍ଟି ପତ୍ର ବଣ୍ଟନରେ ଗୁରୁତ୍ୱ ଆରୋପ କରିଥିଲା । କୌଣସି କେନ୍ଦ୍ରୀୟ ନେତା ବା ହେବିୟେଟ ନେତା ପ୍ରଚ଼ାର ରେ ସାମିଲ ହୋଇ ନାହାନ୍ତି କ୍ଷ ନାମାଙ୍କନ ପତ୍ର ଦାଖଲ ପରେ ପ୍ରଚ଼ାର କାର୍ଯ୍ୟକୁ ଜୋରଦାର୍ କରିବେ ବୋଲି ଜଣାଯାଇଛି।

## ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର

ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡ୍ଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




